**NEW PAPER:** Prameya

**DATE:** 30.08.2018

**PAGE:** 14

ପ୍ରମେୟ
THE PRAMEYA

# ବନ୍ଧୁକ ଚାଳନାରେ ଏଏସ୍‌ବିଏମ୍ ଛାତ୍ରୀଙ୍କୁ ସ୍ୱର୍ଣ୍ଣ

ଚନ୍ଦକା, ୨୯।୮(ଆପ୍ର): ଭୁବନେଶ୍ୱର ଏସିଆନ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଏ.ଏସ୍.ବି.ଏମ୍.)ର ଛାତ୍ରୀ ଉଷାରାଣୀ ଆସାନସୋଲ୍ ଠାରେ ଅନୁଷ୍ଠିତ ୩ୟ ପୂର୍ବ ଭାରତ ବନ୍ଧୁକ ଚାଳନା ସିନିୟର ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସ୍ୱର୍ଣ୍ଣ ପଦକ ଜିତି ଏ.ଏସ୍.ବି.ଏମ୍.ର ଉଷାରାଣୀ ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ଉଷାରାଣୀ ଏ.ଏସ୍.ବି.ଏମ୍.ରେ ପିଜିଡ଼ିଏମ୍ ବିଭାଗର ୨ୟ ବର୍ଷର ଛାତ୍ରୀ। ସେ ତାଙ୍କର ଦୃଢ଼ ମନୋବଳ ଓ ପ୍ରଚେଷ୍ଟା ବଳରେ ସ୍ୱର୍ଣ୍ଣ ପଦକ ପାଇବାରେ କୃତକାର୍ଯ୍ୟ ହୋଇଥିଲେ। ଉଷାରାଣୀଙ୍କର ବହୁତ ଦିନର ଆଶା ପୂର୍ଣ୍ଣ ହୋଇଥିବା ଯୋଗୁଁ ସେ ନିଜକୁ ଗର୍ବିତ ଅନୁଭବ କରିଛନ୍ତି। ସେ କୁହନ୍ତି "ମୁଁ ବହୁତ ବିଫଳତା ଦେଖିଛି, କିନ୍ତୁ କେବେ ଧୈର୍ଯ୍ୟ ହରା ହୋଇନି"। ତାଙ୍କ ମତରେ "ବିଫଳତା ହିଁ ସଫଳତାର ଚାବିକାଠି"।

ଏହା ପୂର୍ବରୁ ଉଷାରାଣୀ ଏବଂ ଏ.ଏସ୍.ବି.ଏମ୍‌ର ଅନ୍ୟଏକ ଛାତ୍ର ପୂଣ୍ୟଶ୍ଳୋକ ପଟ୍ଟନାୟକ ଅଷ୍ଟମ ଓଡ଼ିଶା ରାଜ୍ୟ ବନ୍ଧୁକ ଚାଳନା ସିନିୟର ଚାମ୍ପିଅନସିପ୍‌ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟ ପୂଣ୍ୟଶ୍ଳୋକ ଏବଂ ଉଷାରାଣୀ ଭାରତକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ଲକ୍ଷ୍ୟ ରଖିଛନ୍ତି। ଦୁଇ ପ୍ରତିଯୋଗୀଙ୍କ ଏହି ସଫଳତାରେ ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏ.ଏସ୍.ବି.ଏମ୍.)ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଡଃ ବିଶ୍ୱଜିତ ପଟ୍ଟନାୟକ ଉଭୟ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଖବର ଜଣାପଡିବା ପରେ ଏ.ଏସ୍.ବି.ଏମ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ବାତାବରଣ ପରିଲକ୍ଷିତ ହୋଇଛି।

